# ବିକାଶ କ'ଣ ଯାଜପୁର ଆସି ଦେଖନ୍ତୁ ବିରୋଧୀ: ପାଣ୍ଡିଆନ

ଭୁବନେଶ୍ୱର,୧୩।୨(ଅନିଲ ଦାସ)

■ ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ମାରିଲେ ଟୀର
■ ସେବାର ପ୍ରତୀକ ହେଉଛନ୍ତି ନବୀନ
■ ଯାଜପୁରରେ ଦେଲେ ବିକାଶର ହିସାବ

ଯାଜପୁର କୁସୁମାର ସାଧାରଣ ସଭାରେ ଯୋଗଦେଇ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିରୋଧୀ ଭାଜପାକୁ କଡ଼ା ସମାଲୋଚନା କରିଛନ୍ତି। ମଧ୍ୟପ୍ରଦେଶର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆଗାମୀ ନିର୍ବାଚନରେ ଓଡ଼ିଶାରେ ଭାଜପା ସରକାର ଗଠନ କରିବ ବୋଲି କହିଛନ୍ତି। ସେ ପ୍ରଥମେ ଯାଜପୁର ଜିଲା ବୁଲିକି ଦେଖନ୍ତୁ, ଆଉ ତା'ପରେ ଏହି କଥା କହିବେ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ଜିଲାରେ ବିକାଶମୂଳକ କାର୍ଯ୍ୟର ହିସାବ ଦେଇ ଭାଜପାକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀ ସରକାର ଗଠନ ଲାଗି ଗୁରୁତ୍ୱ ଦିଅନ୍ତିନି କି କ୍ଷମତା ପଛରେ ଦୌଡ଼ିବାକୁ ଚାହାନ୍ତି ନାହିଁ। ଲୋକଙ୍କ ସେବା କରିବାକୁ ଚାହାନ୍ତି। ଚୌକି ପାଇଁ କିମ୍ବା କ୍ଷମତା ଲାଗି ମୁଖ୍ୟମନ୍ତ୍ରୀ ଲାଳାୟିତ ନୁହନ୍ତି। ନବୀନ ପଟ୍ଟନାୟକ ହେଉଛନ୍ତି ସେବାର ପ୍ରତୀକ। ଯିଏ କ୍ଷମତାକୁ ଆସିବୁ ବୋଲି ଖାଲି କହୁଛନ୍ତି, ତାଙ୍କୁ ସାଧାରଣ ଜନତା ଆଗାମୀ ନିର୍ବାଚନରେ ଉତ୍ତର ଦେବେ। ମୁଖ୍ୟମନ୍ତ୍ରୀଙ୍କ ସେବା ଲାଗି ୨୪ ବର୍ଷ ହେଲା ତାଙ୍କୁ ରାଜ୍ୟବାସୀ ଆଶୀର୍ବାଦ ଦେଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରାରୁ ସେ ମଧ୍ୟ ପ୍ରେରଣା ପାଇଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ଲୋକଙ୍କ ପାଇଁ ସମର୍ପିତ ମୁଖ୍ୟମନ୍ତ୍ରୀଙ୍କୁ ସହଯୋଗ କରିବାକୁ ସେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି।

ଯାଜପୁର କୁସୁମାରେ ପାଣ୍ଡିଆନ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ହିସାବ ଦେଇଛନ୍ତି। ଗତ ବର୍ଷ ଅଗଷ୍ଟ ୩୦ରେ ସେ ଯାଜପୁର ଗସ୍ତ କରିଥିଲେ। ଅଗଷ୍ଟରୁ ଇତିମଧ୍ୟରେ ମିଳିଥିବା ୨୫୪୦ ଦରଖାସ୍ତରୁ ୨୩୦୦ ଦରଖାସ୍ତର ସମାଧାନ ହୋଇଛି ବୋଲି ସେ କହିଛନ୍ତି। ଗତ ୬ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଯାଜପୁର ଜିଲା ପାଇଁ ୬୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମାସକୁ ୧୦୦ କୋଟି ହିସାବରେ ଯାଜପୁର ପାଇଁ ଟଙ୍କା ମଞ୍ଜୁର ହୋଇଛି ବୋଲି ସୂଚନା ଦେଇଛନ୍ତି। ଯାଜପୁର ବିରଜା ମନ୍ଦିର ରୂପାନ୍ତରଣ ଲାଗି ୧୫ କୋଟି, ବରାହ ନଦୀ ଦ୍ୱୀପାଞ୍ଚଳର ବିକାଶ ଲାଗି ୧୫ କୋଟି, ଚଣ୍ଡିଖୋଲ ମହାବିନାୟକ ମନ୍ଦିର ଲାଗି ୭ କୋଟି ୬୦ ଲକ୍ଷ, ଦଶରଥପୁରର ସିଦ୍ଧେଶ୍ୱର ମନ୍ଦିର ଲାଗି ୧ କୋଟି ୫୦ ଲକ୍ଷ, ବିଞ୍ଝାରପୁର ବରୁଣେଶ୍ୱର ମନ୍ଦିର ଲାଗି ୭ କୋଟି, ଯାଜପୁର ବେଲେଶ୍ୱର ମନ୍ଦିର ଲାଗି ୧ କୋଟି ୫୦ ଲକ୍ଷ, ରସୁଲପୁରର ନାରାୟଣ ଗୋସାଇଁ ମନ୍ଦିର ଲାଗି ୧ କୋଟି ୫୦ ଲକ୍ଷ, ଧର୍ମଶାଳାର ଗୋପନେଶ୍ୱର ମନ୍ଦିର ଲାଗି ୧କୋଟି ୫୦ ଲକ୍ଷ, ସୁକିନ୍ଦାର ଜଗନ୍ନାଥ ମନ୍ଦିର ଲାଗି ୧କୋଟି ୫୦ ଲକ୍ଷ ଟଙ୍କା ଦିଆଯାଇଛି। ଦଶରଥପୁରର ଜୟ ଚଣ୍ଡୀପୀଠ ଲାଗି ୧କୋଟି ୫୦ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ରସୁଲପୁରର ଖେଗେଶ୍ୱର। ମନ୍ଦିର ଲାଗି ୧ କୋଟି ୫୦ଲକ୍ଷ, ବ୍ୟାସନଗର ଜଗନ୍ନାଥ ମନ୍ଦିର ଲାଗି ୧ କୋଟି ୫୦ ଲକ୍ଷ, ଯାଜପୁରର ବାପ୍ଟିଷ୍ଟ ଚର୍ଚ୍ଚ ଲାଗି ୧କୋଟି ୯ ଲକ୍ଷ, ଛତିଆ ଟୁରିଜମ୍ କମ୍ପ୍ଲେକ୍ସ ଲାଗି ୧ କୋଟି ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ସେହିପରି ବିଭିନ୍ନ ସେତୁ ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଚିଙ୍ଗୁଡ଼ିଆନାଳ ଉପରେ ସେତୁ ଲାଗି ୬୦ କୋଟି ମଞ୍ଜୁର ହୋଇଛି। ବେହେରାପାଟଣା-ବାଲିପୋଖରୀ ରାସ୍ତାର ବୈତରଣୀ ନଦୀ ଉପରେ ସେତୁ ଲାଗି ୨୨ କୋଟି ୧୮ ଲକ୍ଷ, ନାଳିଆ ବଳଭଦ୍ରପୁର ଭାୟା କପିଳାକୁ ସଂଯୋଗ କରୁଥିବା ସେତୁ ଲାଗି ୧୮ କୋଟି ୮୦ ଲକ୍ଷ ମଞ୍ଜୁର ହୋଇଛି। ସେହିପରି ମେଣ୍ଢା-କୁଶଭଦ୍ରା ରାସ୍ତା ବ୍ରାହ୍ମଣୀ ନଦୀ ଉପରେ ସେତୁ ଲାଗି ୧୮ କୋଟି ୭୦ ଲକ୍ଷ ମଞ୍ଜୁର ହୋଇଥିବା ବେଳେ ଯାଜପୁର ଜିଲାରେ ୧୯ଟି ରାସ୍ତାର ଉନ୍ନତୀକରଣ ଲାଗି ୧ କୋଟି ୩୦ ଲକ୍ଷ ମଞ୍ଜୁର ହୋଇଛି। ଦଶରଥପୁର ନ୍ୟୁ ସାଇନ୍ସ ଓ ଆର୍ଟସ କଲେଜ ଲାଗି ୧୫ କୋଟି ଓ ବ୍ୟାସନଗର କଲେଜର ଆର୍ଟସ ଓ ସାଇନ୍ସ ବ୍ଲକ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କଥା ନୁହେଁ, କାମରେ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ଯାଜପୁର ଜିଲାବାସୀ ଯେଉଁ ବିଶ୍ୱାସ, ଭଲପାଇବା ଦେଇଛନ୍ତି ସେଥିପାଇଁ ଋଣୀ ବୋଲି କହି ପାଣ୍ଡିଆନ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ମାତ୍ର ଉଦ୍ଦେଶ୍ୟ ହେଉଛି ସଶକ୍ତ ଓଡ଼ିଶା ଗଠନ। ଯେଉଁ ରାଜ୍ୟରେ ଜଣେ ଗରିବ ମଧ୍ୟ ବଡ଼ ବଡ଼ ସ୍ୱପ୍ନ ଦେଖିପାରୁଥିବ ଓ ତାହା ସାକାର ହୋଇପାରୁଥିବ। ଯାଜପୁରର ସମସ୍ତ ୭ ନିର୍ବାଚନମଣ୍ଡଳୀରେ ନବୀନ ପଟ୍ଟନାୟକ ହିଁ ପ୍ରାର୍ଥୀ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଯାଜପୁର ଜିଲା ମୁଖ୍ୟମନ୍ତ୍ରୀଙ୍କୁ ଆହୁରି ସଶକ୍ତ କରିବ ବୋଲି ପାଣ୍ଡିଆନ ଆଶାପୋଷଣ କରିଛନ୍ତି।



ଉଦ୍‌ବୋଧନ ଦେଉଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଲମ୍ବୋଦର



@ ଲିଟୁ



@ ଅକ୍ଷୟ



@ ମିଟୁ



@ ନଟବର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୂଆ-ଓ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ

ରସୁଲପୁର,୧୩।୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକସ୍ତରରେ ନୂଆ-ଓ କାର୍ଯ୍ୟକ୍ରମ ଜରିଆରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳି, ସଫଳ ଦଳକୁ ପୁରସ୍କୃତ କରାଯାଇଛି । ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ୍ ବଳବନ୍ତରାଏ, ସମ୍ମାନିତ ଅତିଥି କୋରେଇ ବିଧାୟକ ଅଶୋକ କୁମାର ବଳ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ବିଡିଓ ଅବନୀକାନ୍ତ ସାହୁ, ଗାୟକ ସତ୍ୟଜିତ୍ ପ୍ରଧାନ, ଅଭିନେତ୍ରୀ ଶୀତଲ, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୁଧିର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଅନାଦି ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଓ କ୍ରୀଡା ଅନୁଷ୍ଠାନର କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀ ।

# ଘରେ ପଶି ଆକ୍ରମଣ, ଲୁଟ୍

**ଗୁରୁତର ଗୃହକର୍ତ୍ତା କଟକ ବଡ଼ ମେଡିକାଲରେ ଭର୍ତ୍ତି**

ଚଣ୍ଡିଖୋଲ,୧୩।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ବାଲିଚନ୍ଦ୍ରପୁର ଥାନା ସାଉଡିଆ ପଞ୍ଚାୟତ ଅନ୍ତର୍ଗତ ବଣିଆରି ଗ୍ରାମର ଅଶୋକ ପାତ୍ରଙ୍କ ଘରୁ ସୋମବାର ରାତିରେ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଅଶୋକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଲୁଟପାଟ କରିଛନ୍ତି। ଆକ୍ରମଣରେ ଅଶୋକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ସନ୍ଧାନି କୁକୁର ସହାୟତାରେ ଛାନଭିନ ଆରମ୍ଭ କରିଛି। ପ୍ରାପ୍ତ ସୂଚନା ଅନୁସାରେ, ରାତି ପ୍ରାୟ ୧୨ଟାରେ ଅଶୋକଙ୍କ ସ୍ତ୍ରୀ ବିଦୁଲତା ଓ ଝିଅ ବାହାରକୁ ଉଠିଥିଲେ। ଏହି ସମୟ ମଧ୍ୟରେ ପୂର୍ବରୁ ଲୁଚି ରହିଥିବା ଦୁର୍ବୃତ୍ତମାନେ କୌଶଳ କ୍ରମେ ଘରକୁ ପ୍ରବେଶ କରିଥିବା ସନ୍ଦେହ କରାଯାଉଛି। ଗୋଟିଏ କୋଠରୀରେ ଅଶୋକଙ୍କ ବୃଦ୍ଧା ମା', ଅନ୍ୟ କୋଠରୀରେ ସ୍ତ୍ରୀ ବିଦୁଲତା ଓ ଝିଅ ଏବଂ ଅନ୍ୟ କୋଠରୀରେ ଅଶୋକ ଶୋଇଥିଲେ। ଦୁର୍ବୃତ୍ତ କୋଠରୀ କବାଟ ବାହାର ପଟୁ ବନ୍ଦ କରି ଅଶୋକ ଶୋଇଥିବା କୋଠରୀକୁ ପ୍ରବେଶ କରି ଲୁଟପାଟ ଆରମ୍ଭ କରିଥିଲେ। ଏହି ସମୟରେ ଅଶୋକ ଉଠିବାରୁ ତାଙ୍କୁ ପାଟି ଖୋଲିଲେ ହାଣିଦେବେ ବୋଲି ଧମକ ଦେଇଥିଲେ। ପରେ ବାକ୍ସ ଓ ଲୁହା ଆଲମିରାରେ ଥିବା ନଗଦ ୨ ଲକ୍ଷ ୫୦ ହଜାର ଟଙ୍କା ଓ ୧୦ ଭରିରୁ ଅଧିକ ସୁନାଗହଣା, ନୂଆ ଲୁଗାପଟା ନେଇଯାଉଥିବାବେଳେ ଅଶୋକ ପ୍ରତିରୋଧ କରିଥିଲା। ଫଳରେ ସେମାନେ ତାଙ୍କ ମୁଣ୍ଡକୁ ଏକ ଶକ୍ତ ପାହାର ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯିବା ସହ ରକ୍ତ ସ୍ରାବରେ ଚଟାଣ ଜୁଡୁବୁଡୁ ହୋଇଯାଇଥିଲା। ସେ କୋଠରୀ ଖୋଲିବାରୁ ସମସ୍ତେ ବାହାରକୁ ବାହାରି ଆସି ପାଟି କରିଥିଲେ। ପାଟିଶୁଣି ଗ୍ରାମବାସୀ ରୁଣ୍ଡହୋଇ ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଗୁରୁତର ଅଶୋକଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଥିଲା। ଆଇଆଇସି ପ୍ରମୋଦିନୀ ସାହୁ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର ପାଇନାହାନ୍ତି। ଏନେଇ ଅଶୋକଙ୍କ ସ୍ତ୍ରୀ ବିଦୁଲତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ.୬୬।୨୪ ରୁଜୁ କରିଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଯାଜପୁର ଟାଉନ,୧୩।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଜିତ୍ ପଲାଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ୩ ଲକ୍ଷ ୪୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ୩୧ ମାସ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ଏଥିସହିତ ୭ଲକ୍ଷ ଟଙ୍କା ପୀଡିତାକୁ ସହାୟତା ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କୁଆଖିଆ ଥାନା ଅଞ୍ଚଳର ସମ୍ପୃକ୍ତ ୮ମ ଶ୍ରେଣୀର ଛାତ୍ରୀ ୨୦୨୨ ଜୁଲାଇ ୧୨ରେ ସ୍କୁଲକୁ ଯାଇ ଆଉ ଫେରି ନ ଥିଲେ। ଘର ଲୋକେ ଝିଅକୁ ଖୋଜାଖୋଜି କରି ନିରାଶ ହେବାପରେ ୧୩ ତାରିଖରେ ଥାନାରେ ନିଖୋଜ ଏତଲା ଦାଏର କରିଥିଲେ। ଥାନା ଅଧିକାରୀ ଏକ ମାମଲା ନଂ.୨୨୯/୨୨ରୁଜୁ କରି ତଦନ୍ତ ଜାରି ରଖିଥିଲେ। ୨୫।୦୭।୨୦୨୨ରେ ପୋଲିସ ଭୁବନେଶ୍ୱର ରେଳ ଷ୍ଟେଶନ୍‌ରୁ କୁଆଖିଆ ଥାନା ଭୋଟକା ଗ୍ରାମର ଦେବାଶିଷ ବେହେରାଙ୍କ ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ଅଭିଯୁକ୍ତ ଦେବାଶିଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ନାବାଳିକା ସ୍କୁଲରୁ ଫେରୁଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଚକ୍‌ଲେଟ୍ ଦେଇ ଗୋକର୍ଣ୍ଣେଶ୍ୱର ମନ୍ଦିରକୁ ନେଇଯାଇଥିଲେ। ସେଠାରୁ ତାଙ୍କୁ ତାମିଲନାଡୁ ନେଇଯାଇ ଜଣେ ସାଙ୍ଗ ଘରେ ରଖି ବଳାତ୍କାର କରିଥିବା ନାବାଳିକା ପୋଲିସ ଆଗରେ ପ୍ରକାଶ କରିଥିଲେ। ସେହି ଆଧାରରେ ପୋଲିସ ତଦନ୍ତ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ୫-ଟି ଅଧ୍ୟକ୍ଷଙ୍କୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ଦାବିପତ୍ର

ଯାଜପୁର ଟାଉନ,୧୩।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ଗସ୍ତରେ ଆସିଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅଲ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଇଏମ୍‌ଟି, ପାଇଲଟ୍ ଓ ଆଟେଣ୍ଡାଣ୍ଟଙ୍କୁ ନିୟମିତ କରାଯିବା କିମ୍ବା ସ୍ୱତନ୍ତ୍ର ୮ ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମଟିଙ୍କୁ ୩୦ ହଜାର ଟଙ୍କା, ପାଇଲଟ୍‌କୁ ୨୫ ହଜାର ଟଙ୍କା, ଆଟେଣ୍ଡାଣ୍ଟଙ୍କୁ ୨୦ ହଜାର ଟଙ୍କା, ଆଡ୍‌ଭାନ୍ସ ଲାଇଫ୍ ସପୋର୍ଟ ଇଏମ୍‌ଟିଙ୍କୁ ୩୫ ହଜାର, ବାର୍ଷିକ ଦରମା ବୃଦ୍ଧି ନିଶ୍ଚିନ୍ତ କରାଯିବା, ଲୋକଙ୍କ ଆକ୍ରମଣର ଶିକାର ହେଲେ ଦୋଷୀପ୍ରତି ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ସଂଘ ସହ ଆଲୋଚନା, ଆମ୍ବୁଲାନ୍ସ ଧୋଇବା ପାଇଁ ସୁବିଧା, ଶୌଚାଳୟର ସୁବିଧା ଥାଇ ବିଶ୍ରାମଗୃହ ପ୍ରଦାନ, କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଉଲ୍ଲେଖ କରାଯାଇଛି।



୫-ଟି ଅଧ୍ୟକ୍ଷଙ୍କୁ ଦାବିପତ୍ର ଦେବାକୁ ଆସିଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ କର୍ମକର୍ତ୍ତା।

# ଧାନ କିଣାକୁ ନେଇ ଚାଷୀ ଅସନ୍ତୋଷ

ବଡ଼ଚଣା,୧୩।୨(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ କଢ଼େଇ ସମବାୟ ସମିତି କାର୍ଯ୍ୟାଳୟରେ ଧାନ କିଣାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ପଞ୍ଜୀକୃତ ଚାଷୀଙ୍କଠାରୁ ୨୭,୦୦୦ କୁଇଣ୍ଟାଲ ଧାନ କିଣାଯିବା କଥା। ମାତ୍ର ଏହି ସମବାୟ ସଂସ୍ଥାକୁ ବିଭାଗ ପକ୍ଷରୁ ୧୭,୦୦୦ କୁଇଣ୍ଟାଲ ଧାନ କିଣିବାକୁ ନିର୍ଦ୍ଦେଶ ରହିଛି। ତେଣୁ ଆଉ ୧୦,୦୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଅନୁମତି ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ସାତକଡ଼ି ହୋତାଙ୍କ ବିୟୋଗରେ ଶୋକ

ଧର୍ମଶାଳା,୧୩।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠାନ ପକ୍ଷରୁ ସାହିତ୍ୟିକ ସାତକଡି ହୋତାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଡ. ଗୌତମ ଜେନା, ଡ. ରୁଦ୍ରନାରାୟଣ ପୃଷ୍ଟି, ଡ. ତୁହିନାଂଶୁ ରଥ, ଡ. ସସ୍ମିତା ଦାଶ, ଡ. ଇନ୍ଦୁପ୍ରଭା ସାମଲ, ହୃଷୀକେଶ ସାମଲ, ସଂଗ୍ରାମ କେଶରୀ ଜେନା, ବଟକୃଷ୍ଣ ପରିଡ଼ା, ମହେଶ୍ୱର ପାଢୀ ଓ ବିଜୟ ନାୟକ ଯୋଗଦେଇ ହୋତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସନ୍ତୋଷ ତରାଇ, ଶ୍ୟାମପ୍ରସାଦ ଦାଶ, ବିନୋଦ ବିହାରୀ ସାହୁ ଓ ବିବେକାନନ୍ଦ ରାୟ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଭୂତଳ ରାସ୍ତା ନିର୍ମାଣ ପାଇଁ ନୋଟିସ

ଯାଜପୁର,୧୩।୨(ହର୍ଷବର୍ଦ୍ଧନ ବେହେରା)

■ ଦୀର୍ଘଦିନର ଦାବି ପୂରଣ ଆଶା ଉଜ୍ଜୀବିତ
■ ଗୋପବନ୍ଧୁ ଛକ ନିକଟରେ ନିର୍ମାଣ ପ୍ରସ୍ତାବ

ଯାଜପୁର ରୋଡ୍ ରେଳଷ୍ଟେଶନର ଗୋପବନ୍ଧୁ ଛକ ନିକଟରେ ଏକ ଭୂତଳ ରାସ୍ତା ବା ଗଳିପୋଲ ନିର୍ମାଣ କରିବାକୁ ବ୍ୟାସନଗର ତହସିଲ ପକ୍ଷରୁ ସର୍ବସାଧାରଣ ନୋଟିସ ପ୍ରକାଶ ପାଇଛି। ଏହାପରେ ଦୀର୍ଘଦିନର ଦାବି ଗଳିପୋଲ କିମ୍ବା ରେଲୱେ ଫ୍ଲାଇଓଭର ବ୍ରିଜ ନିର୍ମାଣର ଆଶା ଉଜ୍ଜୀବିତ ହୋଇଛି। ତେବେ ଉକ୍ତ ଗଳିପୋଲ ପୁରୁଣା ଦଳା ଓଭରବ୍ରିଜ୍‌ଠାରୁ ପ୍ରାୟ ୨୦୦ମିଟର ଦୂରରେ କରିବାକୁ ପ୍ରସ୍ତାବ ରହିଛି। ଯଦି ସାଇମନ୍ଦିର ଫାଟକ ନିକଟରେ ଉକ୍ତ ଗଳିପୋଲ ନିର୍ମାଣ ତେବେ ସାଧାରଣ ଲୋକେ ଅଧିକ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି।

ତହସିଲ ପକ୍ଷରୁ ହୋଇଥିବା ନୋଟିସ ଅନୁଯାୟୀ ପୂର୍ବତଟ ରେଳପଥ ଅନ୍ତର୍ଗତ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନର ଫାଟକ ନମ୍ବର ୧୪୦(ଗୋପବନ୍ଧୁ ଛକ ନିକଟ)କୁ ବନ୍ଦ କରି ସେଠାରେ ଏକ ଗଳିପୋଲ ନିର୍ମାଣ ପାଇଁ ରେଲୱେ କର୍ତ୍ତୃପକ୍ଷ ସହମତି ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏଥିପାଇଁ ନହକା ମୌଜା ଖାତା ନମ୍ବର ୨୧୨ର ପ୍ଲଟ ନମ୍ବର ୬୪୩/୬୫୭, ୬୪୩/୬୫୮, ୬୪୩/୬୫୯, ୬୪୨/୬୬୦ ଓ ୬୪୨/୬୬୧ ସମସ୍ତ ପତିତ ଜମି ବ୍ୟବହାର ହେବ। ଏହା ଉପରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଉକ୍ତ ନୋଟିସ ପ୍ରକାଶ ହେବାର ୧୫ ଦିନ ମଧ୍ୟରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିପାରିବେ। ଏହି ନୋଟିସ ପ୍ରକାଶ ପାଇବା ପରେ ଗଳିପୋଲ ନିର୍ମାଣ ସମ୍ଭାବନା ଦେଖାଦେଇଛି।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ପୌରାଞ୍ଚଳକୁ ରେଳଲାଇନ ଦୁଇ ଭାଗ କରିଛି। ଏହାର ପୂର୍ବ-ଉତ୍ତର ଦିଗରେ ମୁଖ୍ୟ ସହର ରହିଥିବାବେଳେ ବିପରୀତ ଦିଗରେ ଡାକ୍ତରଖାନା, କେନ୍ଦ୍ରୀୟ ବିଦ୍ୟାଳୟ, ଏନ୍‌ସି ହାଇସ୍କୁଲ, ପ୍ରାଣୀ ଚିକିତ୍ସାଳୟ, ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଇତ୍ୟାଦି ଅନୁଷ୍ଠାନ ରହିଛି। ଏହାବାଦ ପୌରାଞ୍ଚଳର ଗଣେଶ ବଜାର, ନ୍ୟୁ ମାର୍କେଟ, ଝାଟିଆସାହି, ମହତାବ ନଗର, ଗୋଶାଳା, କୋପଣ୍ଡ, ମୁଣ୍ଡୋମାଳ, ଖଣ୍ଡାହତା, ବେଣ୍ଟପୁର ଆଦି ୱାର୍ଡଗୁଡ଼ିକ ରହିଛି। ଏହି ରେଳଲାଇନ ଉପରେ କୌଣସି ଫ୍ଲାଏଓଭର ବ୍ରିଜ କିମ୍ବା ଗଳିପୋଲ ନିର୍ମାଣ ହୋଇ ନଥିବାରୁ ରେଲୱେ ଫାଟକ ସହରବାସୀଙ୍କ ପାଇଁ ଦୁଃଖ ବୋଲି ଅଭିହିତ କରାଯାଉଛି। ଏହିକ୍ରମରେ ସହରବାସୀଙ୍କ ପକ୍ଷରୁ ଏକାଧିକ ଥର ଦାବି, ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଆଦି କରାଯାଇଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନର ସାଇମନ୍ଦିର ନିକଟ ରେଳ ଫାଟକରେ ଫ୍ଲାଇଓଭର ବ୍ରିଜ ଏବଂ ଲିମିଟେଡ୍ ହାଇଟ୍ ସବ୍‌ୱେ (ଏଲ୍‌ଏଚ୍‌ଏସ୍) ନିର୍ମାଣ ପାଇଁ ନକ୍ସା ଅନୁମୋଦିତ ହୋଇଥିଲା। ଏଥିପାଇଁ ରେଲୱେ ପକ୍ଷରୁ ୮୧ କୋଟି ୭୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଜମି ଅଧିଗ୍ରହଣ ହୋଇ ପାରୁ ନ ଥିବାରୁ ଫ୍ଲାଏଓଭର ବ୍ରିଜ୍ ଘୋଷଣାରେ ସୀମିତ ରହିଛି। ଜନସ୍ୱାର୍ଥ ମାମଲା ନମ୍ବର ୧୪୪୨୫/୧୪ ରାୟ ପରିପ୍ରେକ୍ଷୀରେ ରେଲୱେ ଯାଜପୁର ରୋଡ୍ ୧୪୨ ନମ୍ବର(ସାଇ ମନ୍ଦିର) ରେଳ ଫାଟକ ନିକଟରେ ଓଭରବ୍ରିଜ୍ ଓ ସ୍ଥାନୀୟ ଗମନାଗମନ ପାଇଁ ରେଳ ଲାଇନ ତଳେ ଏକ ଗଳିପୋଲ ନିର୍ମାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ଭାଗିଦାରୀରେ ଉପରୋକ୍ତ ଅର୍ଥ ମଞ୍ଜୁର ହୋଇ ସାରିଛି। ଫ୍ଲାଇଓଭର ବ୍ରିଜ ନିର୍ମାଣ ରାଜ୍ୟ ସରକାରଙ୍କ ସହଯୋଗ ଉପରେ ନିର୍ଭର କରୁଛି ଏବଂ ଗଳିପୋଲ ୬ ମାସରୁ ଏକ ବର୍ଷ ମଧ୍ୟରେ ନିଶ୍ଚିତ ଭାବରେ ନିର୍ମାଣ ହେବ ବୋଲି ରେଲୱେ ଖୋର୍ଦ୍ଧା ଡିଭିଜନର ବରିଷ୍ଠ ଡେପୁଟି ଫାଇନାନ୍ସ ମ୍ୟାନେଜର ହିମାଂଶୁ ଭୂଷଣ ବିଶ୍ୱାଳ ବ୍ୟାସନଗର ନାଗରିକ କମିଟିକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ଅନୁସାରେ ପ୍ରଥମ ପାଦ ଆଗେଇ ଥିବା ଏହି ନୋଟିସରୁ ସ୍ପଷ୍ଟ ହେଉଛି।

# ପୁରୀ ଗଲା ଅର୍ପଣ ରଥର ଚାଉଳ



ଯାଜପୁର ଟାଉନ,୧୩।୨(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ପୁରୀ ଶ୍ରୀମନ୍ଦିର ପରିକ୍ରମା ପାଇଁ ଅର୍ପଣ ରଥ ଯାଜପୁର ପୌରାଞ୍ଚଳର ୧୮ ୱାର୍ଡରୁ ସଂଗ୍ର କରିଥିବା ଚାଉଳ ଓ ଗୁଆକୁ ଯାଜପୁର ପୌରପରିଷଦ ପକ୍ଷରୁ ଶ୍ରୀମନ୍ଦିରକୁ ପଠାଯାଇଛି। ୧୮ ୱାର୍ଡରୁ ସଂଗୃହୀତ ୩୧୮ କୁଇଣ୍ଟାଲ ୨୦ କେଜି ଚାଉଳ ଶ୍ରୀମନ୍ଦିର ପ୍ରଶାସନକୁ ପଠାଇ ଦିଆଯାଇଛି। ଯାଜପୁର ପୌରପରିଷଦ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଅଜୟ ପଣ୍ଡାଙ୍କ ଉପସ୍ଥିତି ଓ ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଅଧିକାରୀ ବିଜୟ ପତିଙ୍କ ମାଧ୍ୟମରେ ଏହା ପଠାଯାଇଛି। କାର୍ଯ୍ୟକ୍ରମରେ କାଉନସିଲର ରବୀନ୍ଦ୍ର ସାହୁ, ସୁରେନ୍ଦ୍ର ରଣା, ମାନଗୋବିନ୍ଦ ପତି, ତିଲୋତମା ସାହୁ, ମିନାକ୍ଷୀ ନନ୍ଦ, ପୂର୍ଣ୍ଣିମା ସାହୁ, ରୁଦ୍ରନାରାୟଣ ମହାନ୍ତି, ଶ୍ରୀକାନ୍ତ ଖୁଣ୍ଟିଆ ଓ ସୁଶାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରଦତ୍ତ ଚାଉଳ ଓ ଗୁଆକୁ ସଦାବ୍ରତମଠ ମାଉସୀ ମା'ଘରେ ରଖାଯାଇଥିଲା।

**ଯୁବତୀଙ୍କ ଆତ୍ମହତ୍ୟା**
ରାଜନଗର, (ଭାସ୍କର ରାଉତରାୟ):ରାଜନଗର ଥାନା ଅନ୍ତର୍ଗତ କୋଇଲିପୁର ଗାଁର ଲୋଚନ ମଳିକଙ୍କ ଝିଅ ଚାରୁଲତା (୨୧) ଆତ୍ମହତ୍ୟା କରିଛନ୍ତି। ସୋମବାର ରାତିରେ ଅସୁସ୍ଥ ବାପାଙ୍କ ପାଖକୁ ଶୋଇବାକୁ ଚାରୁଲତା ଯାଇଥିଲେ। ସାନଭଉଣୀ ଅନ୍ୟ ଏକ ଘରେ ଶୋଇଥିଲେ। ସକାଳେ ଚାରୁଲତା ଅନ୍ୟ ଏକ ଘରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଦେଖିଥିଲେ। ତାଙ୍କର ଭାଇ କାର୍ତ୍ତିକ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଛି।

## ସଂକ୍ଷେପରେ

### ତିରୁପତିରେ ତୀର୍ଥଯାତ୍ରୀ ବାସନ୍ତୀ ଏବେବି ନିଖୋଜ

କେନ୍ଦ୍ରାପଡ଼ା, ୧୩।୨ (ଜଗନ୍ନାଥ ଧଳ)

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ କେନ୍ଦ୍ରାପଡ଼ା ବ୍ଲକ ଭରତପୁର ଗ୍ରାମର ବାସନ୍ତୀ ମଲ୍ଲ (୭୩) ସାମିଲ ହୋଇଥିଲେ। ଏହି ଗ୍ରାମର ସହଯାତ୍ରୀ ଅନ୍ୟ ୧୧ଜଣ ମଙ୍ଗଳବାର ଘରକୁ ଫେରିଥିବା ବେଳେ ବାସନ୍ତୀ ତିରୁପତିରେ ଏବେ ବି ନିଖୋଜ ଅଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଗତ ୭ ତାରିଖରେ କେନ୍ଦ୍ରାପଡ଼ା ଜିଲାରୁ ମୋଟ ୧୩୪ଜଣ ତୀର୍ଥଯାତ୍ରୀ ବିଭିନ୍ନ ବ୍ଲକ ଅଞ୍ଚଳରୁ ଯାଇଥିଲେ। ଏହି ତୀର୍ଥଯାତ୍ରୀ ୮ ତାରିଖରେ ଭୁବନେଶ୍ୱର ଠାରୁ ତିରୁପତି ମନ୍ଦିର ଓ ଭେଲୋର ପାଇଁ ଯାଇଥିଲେ। ତେବେ ୯ ତାରିଖରେ ତିରୁପତିଙ୍କ ଦର୍ଶନ ପରେ ବାସନ୍ତୀ ନିଖୋଜ ହୋଇଥିବା ଜଣା ପଡିଥିଲା। ଖୋଜାଖୋଜି ପରେ ଅନ୍ୟ ଯାତ୍ରୀ ଘରକୁ ଫେରିଛନ୍ତି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ହିମାଳୟା ତ୍ରିପାଠୀ ସୂଚନା ଦେଇଛନ୍ତି ଯେ, ବାସନ୍ତୀଙ୍କର ବୟସ ୭୩ ହୋଇଥିଲେ ମଧ୍ୟ ସୁସ୍ଥସବଳ। ସେହିଦିନ ବହୁ ତୀର୍ଥଯାତ୍ରୀ ଏପଟସେପଟ ହୋଇ ଯାଇଥିଲେ। ବାସନ୍ତୀଙ୍କ ନିଖୋଜ ଖବର ଜଣାପଡ଼ିବା ପରେ ବିଭାଗର ୨ଜଣ ସେଠାରେ ରହି ଖୋଜୁଛନ୍ତି। ଏଥିସହ ବାସନ୍ତୀଙ୍କ ପୁତୁରା ରମାକାନ୍ତ ଓ ତାଙ୍କର ଜଣେ ସହଯୋଗୀଙ୍କୁ ବିଭାଗ ପକ୍ଷରୁ ତିରୁପତିରେ ଖୋଜିବା ପାଇଁ ପଠାଯାଇଛି। ବୁଧବାର ସେମାନେ ତିରୁପତିରେ ପହଞ୍ଚିବେ।

### ସିପିଆଇର ସାଧାରଣ ପରିଷଦ ବୈଠକ

କୁଜଙ୍ଗ ୧୩।୨ (ମନୋଜ ପ୍ରଧାନ)

କୁଜଙ୍ଗସ୍ଥିତ ଲୋକନାଥ ଭବନଠାରେ ସିପିଆଇର କୁଜଙ୍ଗ-ପାରାଦୀପ ଆଞ୍ଚଳିକ କମିଟି ପକ୍ଷରୁ ମଙ୍ଗଳବାର ବରିଷ୍ଠ ନେତା ଶ୍ରୀନିବାସ ଜୁଆର ସିଂହଙ୍କ ଅଧ୍ୟକ୍ଷତାରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସାଙ୍ଗଠନିକ କ୍ରିୟାଶିଳତା ଓ ଆଗାମୀ ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇ ଆଗାମୀଦିନରେ ବାମପନ୍ଥିମାନଙ୍କର ଭୂମିକା, କୃଷକ, ଶ୍ରମିକ, ଛାତ୍ର, ଯୁବକ, ମହିଳାମାନଙ୍କ ଲଢେଇ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ବୈଠକରେ ଜିଲା ସମ୍ପାଦକ ଅଭିଜିତ ସାହୁ, ଜୋନ ସମ୍ପାଦିକା ତଥା ରାଜ୍ୟପରିଷଦ ସଭ୍ୟ ଜିନ୍ନୟୀ ସାହାଣୀ, ଶରତ ଚନ୍ଦ୍ର ବେହେରା, ଶ୍ରମିକ ନେତା ଶୁବାସ ମହାପାତ୍ର, ରବୀନ୍ଦ୍ର ମାଝି, ବିଷ୍ଣୁ ଚରଣ ମୁଦୁଲି, ଶରତ ବଳିୟାର ସିଂହ, ରବୀନ୍ଦ୍ର ମହାପାତ୍ର, ଶଲିଳ ସାମନ୍ତରାୟ, କଲ୍ୟାଣୀ ଦାସ ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ।

### ଫାଇନାଲରେ ନିମପୁର କ୍ରିକେଟ କ୍ଲବ

ରାଜନଗର, ୧୩।୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଫିରିକିଦାଣ୍ଡିସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ୯ମ ନଳିନୀକାନ୍ତ ମହାନ୍ତି ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ପ୍ରଥମ ସେମିଫାଇନାଲ ନିମପୁର କ୍ରିକେଟ କ୍ଲବ ସହିତ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ବାଲାବାବା କ୍ରିକେଟ ଟିମ କେନ୍ଦ୍ରାପଡ଼ା ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ନିମପୁରର ବୋଲର ଦାନିସ ୪ ଓଭର ବୋଲିଂ କରି ୧୭ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ନିମପୁର କ୍ରିକେଟ କ୍ଲବ ଶେଷ ଓଭରରେ ୧୧୯ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଦଳର ସ୍ୱାଧୀନ ପାତ୍ର ୩୩ ରନ ଏବଂ ବିକ୍ରମ ସାମଲ ୩୧ ରନ କରିଥିଲେ। ନିମପୁରର ସ୍ୱାଧୀନ ପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଆଜିର ମ୍ୟାଚରେ ଅତିଥି ଭାବେ ସାମାଜିକ କର୍ମୀ ବସନ୍ତ ନାଥ, ରବୀନ୍ଦ୍ର ନାଥ ପାତ୍ର, ମନ୍ମଥ ମଲ୍ଲିକ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାଷ୍ୟକାର ଭାବେ ଅସିତ ତ୍ରିପାଠୀ, ରାଜକିଶୋର ସାହୁ, ସୁଧୀର ବେହୁରା, ଅମ୍ପାୟର ଭାବେ ନିରଞ୍ଜନ ଦାସ, ଅଞ୍ଜନ ବେହେରା, ତନୁଜ ସାହୁ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ଗାଳ୍ପିକ ପ୍ରଦୀପ ନାୟକ, ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର, ପ୍ରକାଶ ବେହେରା, ନାରାୟଣ ମୟୀ ପ୍ରମୁଖ ପରିଚାଳନା କରିଥିଲେ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଦାବି: କଂଗ୍ରେସର ଧାରଣା


ଧାରଣାରେ ସାମିଲ ହୋଇଥିବା କଂଗ୍ରେସ ନେତାମାନେ।

କୁଜଙ୍ଗ,୧୩।୨ (ମନୋଜ ପ୍ରଧାନ)

ଜଙ୍ଗଲହାନୀ ଯୋଗୁ ବନ୍ୟପ୍ରାଣୀଙ୍କ ଜୀବନ ସଙ୍କଟରେ ପଡିଛି। ସେମାନଙ୍କର ସୁରକ୍ଷା ଦାବିରେ ମଙ୍ଗଳବାର କୁଜଙ୍ଗ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ପ୍ରତୀକ ଧାରଣା ଦିଆଯାଇଥିଲା। ଜାତୀୟ କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି ସାମାଜିକ ଗଣ ମାଧ୍ୟମ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକ ଏହାର ନେତୃତ୍ୱ ନେଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ବଙ୍ଗୋପସାଗର ତଟବର୍ତ୍ତୀ ଜଗତ୍‌ସିଂହପୁର ଜିଲା କୁଜଙ୍ଗ-ଏରସମା ବ୍ଲକ ସଲଗ୍ନ ଅଞ୍ଚଳର ବେଳାଭୂମିରେ ଜଙ୍ଗଲ ପରିବେଶ ବିଭାଗର ଦାୟିତ୍ୱହୀନତା ଯୋଗୁ ଅଣ୍ଡା ଦେବାକୁ ଆସୁଥିବା ବିରଳ ପ୍ରଜାତିର ଅଲିଭରିଡଲେ କଇଁଛଙ୍କ ବହୁଳ ପରିମାଣରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏତଦ୍‌ବ୍ୟତିତ ଜଟାଧାର ଜଙ୍ଗଲରେ ଥିବା ବିରଳ ପ୍ରଜାତିର ହରିଣ, ବାଘ୍‌ହା, କୋକିଶିଆଳୀ, ଶାଳିଆପତାନୀ ଆଦି ବନ୍ୟ ପ୍ରାଣୀଙ୍କ ଅପ୍ରାକୃତିକ ମୃତ୍ୟୁ ଚିନ୍ତାଜନକ ପରିବେଶ ସୃଷ୍ଟି କରିଛି। ଜଙ୍ଗଲ ବିଭାଗର ଅପାରଗତା ଯୋଗୁ ବନ୍ୟପ୍ରାଣୀ, କଇଁଛ ପ୍ରଭୃତିଙ୍କ ମୃତ୍ୟୁ ହେବା ଫଳରେ ସୁସ୍ଥ ପରିବେଶ ବିଗିଡିବାରେ ଲାଗିଛି। ଖାଲି ସେତିକି ନୁହେଁ ଜଟାଧାର ଜଙ୍ଗଲରେ କ୍ରମାଗତ ହରିଣ ମୃତ୍ୟୁର କାରଣ ଓ ବନ୍ୟ ପ୍ରାଣୀଙ୍କ ପାଇଁ କେତେ ପୋଖରୀ ଖୋଳା ହୋଇଛି ସେ ସମ୍ପର୍କରେ ସ୍ପଷ୍ଟି କରଣ ମାଗିଥିଲେ। ଏହାଛଡ଼ା ପାରାଦୀପ ଠାରୁ ଜଟାଧାର ପର୍ଯ୍ୟନ୍ତ ଜଙ୍ଗଲକୁ କେଉଁମାନେ କାଟି ସଫା କରୁଛନ୍ତି ଓ ପାଣିକୁ କେଉଁମାନେ ଦୁଷିତ କରୁଛନ୍ତି ବୋଲି ନାୟକ ପ୍ରଶ୍ନ କରିଥିଲେ। ଫଳରେ ଅଲିଭ୍‌ରିଡ୍‌ଲେ କଇଁଚମାନେ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ନାୟକ ଆହୁରି ଅଭିଯୋଗ କରିଥିଲେ ଦିନ ଦୁଇ ପ୍ରହରରେ ଜଙ୍ଗଲି ବାଘ୍‌ହାଙ୍କୁ ମାରି ଲୋକେ ଖାଇ ଯାଉଛନ୍ତି। ହେଲେ ଜଙ୍ଗଲ ବିଭାଗ ନିଦାବିଷ୍ଟୁ ସାଜିଛି। ଘଟଣା ସମ୍ପର୍କରେ କୁଜଙ୍ଗ ରେଞ୍ଜର ରଞ୍ଜନ ମିଶ୍ରଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଟେଲିଫୋନ ଉଠାଇ ନ ଥିଲେ। ଅନ୍ୟପଟେ କଂଗ୍ରେସର ଆଜିର ଧାରଣାକୁ ସମର୍ଥନ କରି ନାରାୟଣ ବିରବର ସାମନ୍ତ ଚ୍ୟାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସୁଶାନ୍ତ କୁମାର ସ୍ୱାଇଁ ଓ ଅଦ୍ୱୈତ ଜୁଆରସିଂଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ କର୍ମୀ କୈଳାସ ଦାସ, ସୁବାସ ଦାସ, ସୁରେସ ରାଉତ, ବାଇନ ବର୍ଦ୍ଧନ, କଂଗ୍ରେସ ନେତ୍ରୀ ପ୍ରିୟମ୍ବଦା ପାଣି, ସୁରେନ୍ଦ୍ର ମହନ୍ତ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଟ୍ରଷ୍ଟ ପକ୍ଷରୁ କୈଳାସ ରାଉତ, କୃଷ୍ଣଚନ୍ଦ୍ର ଦାସ, ସତ୍ୟାନନ୍ଦ ବେହେରା ଧାରଣା ଦେଇଥିଲେ।

## ଐତିହ୍ୟ, ପରମ୍ପରା ସଂସ୍କୃତିକୁ ଋଦ୍ଧିମନ୍ତ କରିଥାଏ



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ଗରଦପୁରରେ ଚିତ୍ରୋତ୍ପଳା ମହୋତ୍ସବର ୪ର୍ଥ ସନ୍ଧ୍ୟା

ପାଟକୁରା, ୧୩।୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁରଠାରେ ୭ଦିନ ବ୍ୟାପୀ ଚାଲୁଥିବା ଚିତ୍ରୋତ୍ପଳା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଐତିହ୍ୟ ଓ ପରମ୍ପରା ସଂସ୍କୃତିକୁ ଋଦ୍ଧିମନ୍ତ କରିଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଯାହାର ଅତୀତ ଯେତେ ସ୍ୱଚ୍ଛ ଭବିଷ୍ୟତ ମଧ୍ୟ ସେତିକି ଗୌରବମୟ ବୋଲି କହିଛନ୍ତି। ଚିତ୍ରୋତ୍ପଳା ନଦୀ ଗୁପ୍ତ ଗଙ୍ଗା ଭାବେ ପରିଚିତ। ଏହି ନଦୀର ଗାରିମାମୟ ଗାଥା ଯେତିକି, ବ୍ୟଥା ମଧ୍ୟ ସେତିକି। ଏବେ ଚିତ୍ରୋତ୍ପଳା ନଦୀ ପୋତି ହୋଇ ପଡ଼ିଲାଣି। ଏହି ଚିତ୍ରୋତ୍ପଳା ନଦୀକୁ ବଞ୍ଚାଇବାକୁ ହେବ ଓ ଏହାର ଗାଥାକୁ ପ୍ରଚାର କରିବା ପାଇଁ ଆୟୋଜକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ କଂଗ୍ରେସ ନେତା ଇଂ. ସିଦ୍ଧାର୍ଥ ସ୍ୱରୂପ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବ ରାଜ୍ୟସ୍ତରୀୟ ହେବା ସହ ଶତାୟୁ ହେବା ପାଇଁ କହିଥିଲେ। ମହୋତ୍ସବର ସଭାପତି ସୁରେନ୍ଦ୍ର ନାଥ ପାଣି, ରବୀନ୍ଦ୍ର କୁମାର ରଥଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ସୁବାସ ସାମଲ, ନିରଞ୍ଜନ ରାଉତ, ସମବାୟବିତ୍ ଦୟାନିଧି ଜେନା, ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, ରମାକାନ୍ତ ସ୍ୱାଇଁ, ନିରଞ୍ଜନ ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁମାର ପାଣି ସଂଯୋଜନା କରିଥିଲା ବେଳେ ମହୋତ୍ସବର କର୍ମକର୍ତ୍ତା ପ୍ରତାପ ପ୍ରଧାନ, ଶୁଭମ୍ ପାଣି, ରବୀନ୍ଦ୍ର ପାଣି, ରାଜ କିଶୋର ସ୍ୱାଇଁ, ଶିବ ପ୍ରସାଦ ପଣ୍ଡା, ଚେତନ ରଥ ପ୍ରମୁଖ ପରିଚାଳନା କରିଥିଲେ।

### ୧୬ରେ କୃଷକ-ଶ୍ରମିକ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବାକୁ ପଟ୍ଟାମୁଣ୍ଡାଇରେ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ, ୧୩।୨ (କଳ୍ପତରୁ ନାୟକ)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୯ବର୍ଷ ମଧ୍ୟରେ ଲଗାତାର ଭାବେ ଶ୍ରମିକ-କୃଷକ ମାରଣ ନୀତି ଅପଣେଇଛି। କୃଷି ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ଅର୍ଥ ବିନିଯୋଗ କମାଇବାର ଲାଗିଛି। ଅନ୍ୟପକ୍ଷରେ ଚାଷୀ ଆତ୍ମହତ୍ୟା ୧ ଲକ୍ଷ ୭୭୪ରେ ପହଞ୍ଚି ଲାଣି। ମୋଦି ସରକାର ଜନ ବିରୋଧୀ ନୀତି ବିରୋଧରେ ସାରାଦେଶର ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେଶନ ସମୂହ ପକ୍ଷରୁ ଫେବୃଆରୀ ୧୬ରେ ସାଧାରଣ ଧର୍ମଘଟକୁ ସଫଳ କରିବାକୁ କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ଶ୍ରମିକ ଭବନଠାରେ ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା କୃଷକ ସଭାର ଜିଲା ସମ୍ପାଦକ ବିଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଜିଲା ଆବାହକ ଗୟାଧର ଧଳ, କଳିଙ୍ଗ ଭାରତ ଶ୍ରମିକ ସଂଘ ସମ୍ପାଦକ ପ୍ରକାଶ ମହାନ୍ତି, ବରିଷ୍ଠ ନେତା ମଳୟ ଦାସ, ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ଆବାହକ ଦାଶରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲମ୍ବୋଦର


@ ଲିଟୁ


@ ଅକ୍ଷୟ


@ ନଟବର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଅ

### ବଳଭଦ୍ରପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୧୩।୨ (କଳ୍ପତରୁ ନାୟକ)


କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତାମାନେ।

ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେନତନା କାର୍ଯ୍ୟକ୍ରମ ମଙ୍ଗଳବାର ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି। ଏହି ଅନୁଦାନରେ ଯୁବ ବିକାଶ କେନ୍ଦ୍ର, ମିଶନ ଶକ୍ତି ଗୃହ ନିର୍ମାଣ, ଦେବଦେବୀ ମନ୍ଦିର ଉନ୍ନତିକରଣ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ସ୍କୁଲ ଗୃହ ଉନ୍ନତିକରଣ ଆଦି ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଯୋଗଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବାରୁ ଏହି ଯୋଜନାରେ ମଞ୍ଜୁର ଅର୍ଥ ବିନିଯୋଗ କରି ପଞ୍ଚାୟତକୁ ଏକ ସମୃଦ୍ଧ ସଶକ୍ତ ଓ ବିକଶିତ ଭାବେ ପରିଣତ କରିବା ଦରକାର। ରାଜ୍ୟ ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ସଭାରେ ସମିତିସଭ୍ୟ କୈଳାସ ପରିଡା, କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ ରାଉତ, ସମବାୟ ସମିତି ନିର୍ଦ୍ଦେଶକ ଅଶୋକ ମଲିକ, ସାମାଜିକ କର୍ମୀ ସୂର୍ଯ୍ୟକାନ୍ତ ରାଉତ, ପିଇଓ ରାମକୃଷ୍ଣ ହାଲଦାର, ଜିଆର୍‌ଏସ୍ ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ମହିଳାପୁରୁଷ ଓ ଯୁବକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ବଜାରରେ ଶାନ୍ତି ବଜାୟ ରଖିବାକୁ କମିଟି, ପୋଲିସ ମଧ୍ୟରେ ବୈଠକ

କୁଜଙ୍ଗ, ୧୩।୨ (ମନୋଜ ପ୍ରଧାନ)

ସୋମବାର କୁଜଙ୍ଗ କଲେଜରେ ଦୁଇ ଗାଁର ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଯୋଗୁ ତାହା କୁଜଙ୍ଗ ବଜାର ଉପରେ ପ୍ରଭାବ ଅନୁଭୂତ ହୋଇଥିଲା। ଯାହାକୁ ନେଇ ବଜାରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଫ୍ଲାଗମାର୍ଚ୍ଚ କରିବାକୁ ବାଧ୍ୟ ହୋଇଥିଲା। ଫଳରେ ମଙ୍ଗଳବାର କୁଜଙ୍ଗ ବଜାରର ବିଭିନ୍ନ ବଜାର କମିଟିର ନେତୃମଣ୍ଡଳୀ ଓ ପୋଲିସ ମଧ୍ୟରେ ହନୁମାନ ମନ୍ଦିର ପରିସରରେ ବଜାର ମଧ୍ୟରେ ଶାନ୍ତି ବଜାଏ ରଖିବା ପାଇଁ ଏକ ବୈଠକ ହୋଇଥିଲା। ବୈଠକର ନିର୍ଯାସ ଅନୁଯାୟୀ ବାହର ଗଣ୍ଡଗୋଳକୁ ନେଇ ଯେପରି ବଜାରରେ ଗଣ୍ଡଗୋଳର ପୁନରାବୃତ୍ତି ନ ହୁଏ ସେଥିପାଇଁ ସମସ୍ତ ବଜାର କମିଟି ଯତ୍ନବାନ ହେବାକୁ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ପରାମର୍ଶ ଦେଇଥିଲେ। ଉକ୍ତ ଛାତ୍ର ଗଣ୍ଡଗୋଳ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଉଭୟପକ୍ଷର ଦୋଷୀମାନଙ୍କ ପ୍ରତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସହମତି ପ୍ରକାଶ ପାଇଥିଲା ବୋଲି ଜେଆର ୱାଇ ବଜାର କମିଟିର ସଭାପତି ନବ କୁମାର ସାହୁଙ୍କଠାରୁ ପ୍ରକାଶ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ପଲାଇ, ରବୀନ୍ଦ୍ର ନାଥ, ରଘୁନାଥ ସାହୁ, ବୃନ୍ଦାବନ ବାରିକ, ମନୀନ୍ଦ୍ର ଗୁରୁ, ତୃପ୍ତି ରଞ୍ଜନ ଦାସ ପ୍ରମୁଖ ଭାଗ ନେଇଥିଲେ।

## ରାଜକନିକାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

ରାଜକନିକା, ୧୩।୨ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଆଜି ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ମଙ୍ଗଳବାର ଶିଳାନ୍ୟାସ କରିଛନ୍ତି। ପୂର୍ବ କନିକାର ଲାଇଫ ଲାଇନ କୁହାଯାଉଥିବା ୧୩ କୋଟି ଟଙ୍କା ବ୍ୟୟରେ ନହୁଲିଆ-ଆୟତନ-କୋଇଲିପୁରୁ ୧୦କିମି ରାସ୍ତା, ୧୩କୋଟି ଟଙ୍କା ବ୍ୟୟରେ ଆୟତନ-ଝାଡ଼ମାଳ ୭ କିମି ପୂର୍ତ୍ତ ବିଭାଗ ରାସ୍ତା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪.୫ କୋଟି ଟଙ୍କା ବ୍ୟୟରେ ଖୁଲାରୀ-ଗାରଡ଼ପୁର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତାର ଶିଳାନ୍ୟାସ ହୋଇଛି। ମନ୍ତ୍ରୀ ଦେବ ଏହି ଅବସରରେ କହିଥିଲେ ଗମନା ଗମନରେ ସୁବିଧା ହେଲ ଗାଁର ଉନ୍ନତି ହେବା ସହ ରାଜ୍ୟର ଉନ୍ନତି ହୋଇପାରିବ। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରା, କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଜ୍ୟୋର୍ତିମୟୀ ଦଳାଇ, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଜିଲାପରିଷଦ ସଦସ୍ୟା ଅମିତା ସାହୁ, କୋଇଲିପୁରୁ ସରପଞ୍ଚ ଅରୁଣ ରାଉତଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।



ମନ୍ତ୍ରୀ ପ୍ରତାପ କେଶରୀ ଦେବ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

## ଭତ୍ତା ବୃଦ୍ଧି ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ

ଡେରାବିଶ, ୧୩।୨ (ବେବର୍ତ୍ତା ଅଜୟ ଦାସ)



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ ପ୍ରଶାସନିକ ଅଧିକାରୀମାନେ।

ଡେରାବିଶ ବ୍ଲକ ଅଧୀନ ଏଣ୍ଡର ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଯୋଗଦେଇ ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ୫୦୦ଟଙ୍କା ଭତ୍ତା ବୃଦ୍ଧି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଦାଶରଥି ଜେନା ଯୋଗଦେଇ ପଞ୍ଚାୟତରେ ୧୦୧୭ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଦିଆଯାଉଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଳେଇ, ବିଇଓ ଶ୍ରୀକାନ୍ତ ବେହେରା, ଏବିଇଓ ଖଗେଶ୍ୱର ନାୟକ ଯୋଗଦେଇଥିଲେ। ଶିକ୍ଷାବିତ୍ କରୁଣାକର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି ଓ ସଞ୍ଜୟ କୁମାର ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନଜିତ ନାୟକ ଧନ୍ୟବାଦ ଦେଇଥିଲେ। ଏହାକୁ ଜିଆରଏସ୍ ଗଦାଧର ଜଗତି, ଏମ୍‌ବିକେ ସ୍ୱର୍ଣ୍ଣଲତା ପାଇଟାଳ ପ୍ରମୁଖ ପରିଚାଳନା କରିଥିଲେ।

### ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ସେହିପରି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅରକ୍ଷିତ କାଣ୍ଡି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଲିକ, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଧନେଶ୍ୱର ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମିତିସଭ୍ୟ ଫନିନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ପୂର୍ଣ୍ଣାନନ୍ଦ ବେହେରା, ଶିକ୍ଷାବିତ୍ ଗୌରାଙ୍ଗ ସାହୁ ପ୍ରମୁଖ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଆରଏସ୍ ସତ୍ୟବାଦୀ ସାହୁ, ପ୍ରଭାତ ଭୂୟାଁ, ଏମ୍‌ବିକେ ଦମୟନ୍ତୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତର ସିଆର୍‌ପି ଓ ଏସଏଚଜିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଡିଇଓଙ୍କୁ କାରଣ ଦର୍ଶାଅ ନୋଟିସ୍




ନୟାଗଡ଼ ନିର୍ବାଚନମଣ୍ଡଳୀ ସମୀକ୍ଷା ବୈଠକରେ ବିଧାୟକ ଅରୁଣ କୁମାର ସାହୁ, ଜିଲାପାଳ ସ୍ୱାଧଦେବ ସିଂ ଓ ଅନ୍ୟମାନେ।

ନୟାଗଡ଼,୧୩।୨(ଲୋକନାଥ ମିଶ୍ର)

- ଜିଲାପାଳଙ୍କ ଅନୁମତି ନ ନେଇ ଅନୁପସ୍ଥିତ ରହିବା ମହଙ୍ଗା ପଡ଼ିଲା
- ରୂପାନ୍ତକରଣ ପରେ ୩ ଲକ୍ଷ ଟଙ୍କା ଆସୁଛି ମେଣ୍ଟେନାନ୍ସ ଅନୁଦାନ
- ବିଧାୟକ,ଜିଲାପାଳଙ୍କ ପ୍ରଶ୍ନରେ ଏଡିଇଓ ହଟହଟା
- ୫-ଟି ହାଇସ୍କୁଲର ଉପକରଣ ବ୍ୟବହାର ହେଉ ନ ଥିବାରୁ ଉଦ୍‌ବେଗ

ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନରେ ମଙ୍ଗଳବାର ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ନୟାଗଡ଼ ନିର୍ବାଚନୀ ମଣ୍ଡଳୀ ସମୀକ୍ଷା ବୈଠକରେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଜିଲାପାଳଙ୍କୁ ଅବଗତ ନ କରି ଅନୁପସ୍ଥିତ ରହିବା ମହଙ୍ଗା ପଡିଛି । ଜିଲାପାଳ ସ୍ୱାଧାଦେବ ସିଂ ଏନେଇ ଡିଇଓଙ୍କୁ କାରଣଦର୍ଶାଅ ନୋଟସ୍ ଜାରି କରିଛନ୍ତି । ଅନ୍ୟପକ୍ଷେ ୫-ଟି ହାଇସ୍କୁଲ ରୂପାନ୍ତରଣ ପରେ ସ୍କୁଲର ମରାମତି କିପରି କରାଯିବ ନୟାଗଡ଼ ବିଧାୟକ ଓ ଜିଲାପାଳଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ) ବସନ୍ତ କୁମାର ନାୟକ ହଟହଟା ହୋଇଛନ୍ତି । ରୂପାନ୍ତରଣ ପରେ ହାଇସ୍କୁଲକୁ ୩ ଲକ୍ଷ ସରକାରୀ ଅନୁଦାନ ଆସୁଥିବାବେଳେ ସରକାରୀ ଗାଇଡ୍ ଲାଇନ ନ ପଢ଼ି ମନଇଚ୍ଛା ତଥ୍ୟ ରଖିଥିଲେ। ହେଲେ ଜିଲାପାଳ ଠିକ୍ ତଥ୍ୟ ଉପସ୍ଥାପନ କରି ଏଡିଇଓଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ । ସରକାରୀ ଗାଇଡ୍ ଲାଇନ ପଢ଼ି ଆସିବାକୁ ବିଧାୟକ ଏଡିଇଓଙ୍କୁ ପରାମର୍ଶ ଦେଇଥିଲେ ।

ଜିଲାରେ ୧୪୭ ସରକାରୀ ହାଇସ୍କୁଲ, ୪୫ ସରକାରୀ ଅର୍ନ୍ତଭୁକ୍ତ ହାଇସ୍କୁଲ, ୨୯ ସରକାରୀ ନୂଆ ଅର୍ନ୍ତଭୁକ୍ତ ହାଇସ୍କୁଲ, ୭ ଆଦର୍ଶ ବିଦ୍ୟାଳୟ, ୪ ଆଦିବାସୀ କଲ୍ୟାଣ ନିର୍ବାସ ସ୍କୁଲ ଏପରି ମୋଟରେ ୨୩୨ ହାଇସ୍କୁଲ ୫-ଟିରେ ଅର୍ନ୍ତଭୁକ୍ତ ହୋଇଥିବାବେଳେ ୨୦୭ ସ୍କୁଲ ରୁପାନ୍ତରିତ ହୋଇ ସାରିଛି । ରୂପାନ୍ତରିତ ପରେ ଜିଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍କୁଲ ପରିଦର୍ଶନରେ ଯାଉ ନ ଥିବାରୁ ବିଧାୟକ କ୍ଷୋଭ ଓ ଅସନ୍ତୋଷ ପ୍ରକାଶ କରିଥିଲେ। ଏଡିଇଓ ସ୍କୁଲ ପରିଦର୍ଶନରେ ଯାଇଥିବା ଦର୍ଶାଇଥିଲେ ମଧ୍ୟ କେଉଁ କେଉଁ ସ୍କୁଲକୁ ଯାଇଥିଲେ ତା'ର ରିପୋର୍ଟ ଦେଇ ପାରି ନ ଥିଲେ । ୫-ଟି ହାଇସ୍କୁଲରେ ଲାବୋରୋଟାରୀ, ଲାଇବ୍ରେରୀ, କମ୍ପ୍ୟୁଟର ସେକ୍ସନରେ ବ୍ୟବହାର ଅଭାବରୁ ନଷ୍ଟ ହେବାକୁ ବସିଛି । ବିଧାୟକ ଗୋବିନ୍ଦପୁର, ଲାଠିପଠା ପରି ଅନେକ ସ୍କୁଲ ପରିଦର୍ଶନ କରି ନିଜର ଅନୁଭୂତି ଗୃହରେ ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ୫-ଟି ହାଇସ୍କୁଲର ଉପକରଣ ମିସ୍ ୟୁଜ ନ କରିବାକୁ ପରମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅନେକ କୋଟି ଟଙ୍କା ଖର୍ଚ୍ଚ କରି ସ୍କୁଲର ରୂପରେଖ ପରିବର୍ତ୍ତନ କରୁଥିବାବେଳେ ପ୍ରଧାନଶିକ୍ଷକ, ଶିକ୍ଷକ, ଜିଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେବା ଦୁଃଖର ବିଷୟ ବୋଲି ବିଧାୟକ କହିଥିଲେ । ଏଣୁ ରୂପାନ୍ତରିତ ସ୍କୁଲଗୁଡ଼ିକର ଠିକ୍ ଭାବେ ମେଣ୍ଟେନାନ୍ସ, ପାଠପଢ଼ା, ଶିକ୍ଷା ଉପକରଣର ବ୍ୟବହାର କରିବାକୁ ବିଧାୟକ ଓ ଜିଲାପାଳ ପରାମର୍ଶ ଦେଇଥିଲେ । ସେହିଭଳି ୫-ଟି କଲେଜର ଅଧକ୍ଷଙ୍କୁ ମଧ୍ୟ ଅନୁରୂପ ଭାବେ ବିଧାୟକ ଓ ଜିଲାପାଳ ତାଗିଦ୍ କରିଥିଲେ ।

# ବାଙ୍କୀ ପାୱାର କିଙ୍ଗ୍ ଚାମ୍ପିୟନ




ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଖଣ୍ଡପଡ଼ା,୧୩।୨
(ଅଜୟ କୁମାର ମହାରଣା)

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ବଡ଼ ପଡ଼ିଆରେ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ଗତ ୬ ତାରିଖରୁ ଚାଲିଥିବା ଖଳିସାହି କପ୍-୨୦୨୪ ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଆଜିର ଫାଇନାଲ ମ୍ୟାଚରେ ପାୱାର କିଙ୍ଗ୍ ବାଙ୍କୀ କ୍ରିକେଟ୍ କ୍ଲବ୍ କଟକ ରାକା କ୍ରିକେଟ୍ କ୍ଲବ୍‌କୁ ୪ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି । ପ୍ରଥମେ କଟକ ଦଳ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ୨୫୬ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ବାଙ୍କୀ ଟିମ୍ ୧୯ ଓଭରରେ ୬ ଉଇକେଟ୍ ହରାଇ ୨୬୦ ରନ୍ ସଂଗ୍ରହ କରି ଆଜିର ଫାଇନାଲ ମ୍ୟାଚରେ ଚାମ୍ପିୟନ ହୋଇଛି । ବିଜୟୀ ବାଙ୍କୀ ଟିମ୍ ପକ୍ଷରୁ ସୁଶାନ୍ତ ସାହାଣ ବ୍ୟକ୍ତିଗତ ଭାବେ ୭ ଛକା ଓ ୧୩ ଚୌକା ସହାୟତାରେ ୧୦୩ ରନ ସଂଗ୍ରହ କରି ଦଳକୁ ବିଜୟୀ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଦୀପକ କୁମାର ସାହୁ ଓ ରବି ନାରାୟଣ ମିଶ୍ର ଖେଳକୁ ପରିଚାଳନା କରିଥିଲେ। ଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ବ୍ଲକ ଉପାଧକ୍ଷ ଶିଶିର କୁମାର ସାହୁ, ଖଣ୍ଡପଡ଼ା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ, ଖଳିସାହି ସରପଞ୍ଚ ଫକୀର ମୋହନ ଦାସ ଓ ମିନତି ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ସଭାପତି ଶରତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚାମ୍ପିୟନ ଦଳକୁ ୩୦ ହଜାର ଅର୍ଥରାଶି ସହ ଟ୍ରଫି ଓ ରନରର୍ସ ଅପ୍ ଦଳକୁ ୨୫ ହଜାର ଅର୍ଥରାଶି ସହ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱରେ ଥିବା ବେଳେ ଶ୍ରୀନିବାସ ଦଳେଇ ଓ କଳ୍ପତରୁ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପାଣି ପାଇପ୍ ଚୋରି ଉଦ୍ୟମ ବିଫଳ

ଓଡ଼ଗାଁ,୧୩।୨
(ଆଦର୍ଶ କୁମାର ପଟ୍ଟନାୟକ)

- ୨ ଟ୍ରକ ସମେତ ପାଇପ୍ ଜବତ
- ଆନ୍ତରାଜ୍ୟ ଗ୍ୟାଙ୍ଗ ସମ୍ପୃକ୍ତି ଥିବା ସନ୍ଦେହ

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୋମଣ୍ଡ ଗ୍ରାମରେ ପାଣି ପାଇପ୍ ଚୋରି ଘଟଣାରେ ପୋଲିସ ୨ଟି ଟ୍ରକ ସମେତ ପାଣି ପାଇପ୍ ଜବତ କରିଛି । ସୂଚନା ଅନୁଯାୟୀ ଓଡ଼ଗାଁ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ପଞ୍ଚାୟତର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାଣି ଯୋଗାଣ ନିମନ୍ତେ କେଇସି ଇଣ୍ଟରନ୍ୟାଶନାଲ ଲିମିଟେଡ୍ ସଂସ୍ଥା ଦ୍ୱାରା କାମ ଚାଲୁଛି । କୋମଣ୍ଡ ଗ୍ରାମରେ ୨୦୦ ଏମ୍ଏମ୍ ପାଇପ୍ ଲାଇନ ବିଛାଇବା ନିମନ୍ତେ ଗାତ ଖୋଳା ଯାଇ ଥିବାବେଳେ ରବିବାର ବିଳମ୍ବିତ ରାତିରେ କେତେଜଣ ଯୁବକ ପାଇପ୍ ଚୋରି କରିବା ନିମନ୍ତେ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ସେଠାରୁ ସେହି ଯୁବକମାନେ ଛତ୍ରଭଙ୍ଗ ଦେଇଥିଲେ । ଏନେଇ ସଂସ୍ଥାର ସୁପରଭାଇଜର ମନୋଜ କୁମାର ଜେନା ଓଡ଼ଗାଁ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା(ନଂ.୬୪/୨୪) ରୁଜୁ କରିବା ସହ ଚୋରିରେ ବ୍ୟବହୃତ ଏଚ୍ଆର. ୪୫ ବି ୩୫୩୬ ଓ ଡବ୍ଲ୍ୟୁବି.ଆଇ.ଆଇ.ସି୪୧୫୨ ନମ୍ବର ବିଶିଷ୍ଟ ୨ଟି ଟ୍ରକ ଓ ସେଥିରେ ଥିବା ପାଇପକୁ ପୋଲିସ ଜବତ କରିଛି। ଏହାପଛରେ ଏକ ବଡ଼ ଗ୍ୟାଙ୍ଗର ହାତ ଥିବା ପୋଲିସ ସନ୍ଦେହ କରୁଛି।

# ବରୁଣେଇ ଟିମ୍ ଚାମ୍ପିୟନ

ଖଣ୍ଡପଡ଼ା,୧୩।୨
(ଅଜୟ କୁମାର ମହାରଣା)

## ମା'ବରୁଣେଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ବରୁଣେଇ କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ପଲଟନ ପଡ଼ିଆଠାରେ ଗତ ଜାନୁୟାରୀ ୧ରୁ ଚାଲିଥିବା ମା'ବରୁଣେଇ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଫାଇନାଲ୍ ମ୍ୟାଚରେ ଆୟୋଜକ ବରୁଣେଇ କ୍ରିକେଟ ଆସୋସିଏଶନ ବାହାଡା କ୍ରିକେଟ ଟିମ୍‌କୁ ୨ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି ।

ଟସ୍ ଜିତି ବାହାଡ଼ା ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୧୮ ଓଭରରେ ୮ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ବରୁଣେଇ ଦଳ ୧୭.୫ ଓଭରରେ ୮ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୧୪୬ ରନ ସଂଗ୍ରହ କରି ଫାଇନାଲ ମ୍ୟାଚରେ ଚାମ୍ପିୟନ ହୋଇଛି । ଅଶୋକ କୁମାର ବାରିକ ଓ ଶିବ ନାରାୟଣ ସାହୁ ଖେଳକୁ ପରିଚାଳନା କରିଥିଲେ । ଆଜିର ଫାଇନାଲ ମ୍ୟାଚରେ ଅତିଥି ଭାବେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ, କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଓ ଫାର୍ମାସିଷ୍ଟ ମାନସ କୁମାର ସାହୁ ଯୋଗଦେଇ ଖେଳାଳୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ ।

# ନୟାଗଡ଼ରୁ ୧୮ ଗ୍ରାମ ବ୍ରାଉନସୁଗାର ଜବତ

ନୟାଗଡ଼, ୧୩।୨(ଲୋକନାଥ ମିଶ୍ର)

ନୟାଗଡ଼ ଅବକାରୀ ବିଭାଗର ଜିଲାସ୍ତରୀୟ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଚଢ଼ାଉ କରାଯାଇ ନୟାଗଡ ତ୍ରିନାଥ ଛକରୁ ବାଇକ ସହ ୧୮ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ଜବତ ବ୍ରାଉନସୁଗାରର ଦାମ ୧ଲକ୍ଷ ୮୦ ହଜାର ହେବ । ଶରଣକୁଳ ଥାନା ହରିହରପୁର ଗାଁର ପ୍ରଭାତ କୁମାର ସ୍ୱାଇଁ ଓଡି୦୨ଏସ ୦୨୭୩ ନମ୍ବର ବାଇକ୍‌ରେ ବ୍ରାଉନସୁଗାର ନେଇ ଯାଉଥିବାବେଳ ଧରାପଡିଛନ୍ତି । ଅବକାରୀ ସ୍କ୍ୱାର୍ଡ ପକ୍ଷରୁ ଏକ ମାମଲା(ନଂ.୩୫୯/୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ।

# ପାନୀୟଜଳ ସଙ୍କଟ ଏଡାଇବାକୁ ମାଷ୍ଟର ପ୍ଲାନ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

ନୟାଗଡ଼,୧୩।୨(ଲୋକନାଥ ମିଶ୍ର)

- ରାସ୍ତା ନଷ୍ଟକୁ ନେଇ ବର୍ଷିଲେ ବିଧାୟକ
- ନୟାଗଡ଼ ଜିଲା କ'ଣ ରାମରାଜ୍ୟ ବୋଲି ଜିଲାପାଳଙ୍କ ପ୍ରଶ୍ନ
- ଆରଡବ୍ଲ୍ୟୁଏସ୍ଏସ୍ ଓ ପିଏଚ୍‌ଡିର ମନମାନି ପଦାରେ ପଡିଲା

ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନରେ ମଙ୍ଗଳବାର ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ନୟାଗଡ ନିର୍ବାଚନୀ ମଣ୍ଡଳୀ ସମୀକ୍ଷା ବୈଠକରେ ଆରଡବ୍ଲ୍ୟୁଏସ୍ଏସ୍ ଓ ପିଏଚ୍‌ଡିର ମନମାନି ପଦାରେ ପଡିଛି। ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଆରଡବ୍ଲ୍ୟୁଏସ୍ଏସ୍ ଓ ପିଏଚ୍‌ଡି ଗ୍ରାମାଞ୍ଚଳ ଓ ସହର ରାସ୍ତା ଖୋଳି ନଷ୍ଟ କରିଦେଇଥିବାରୁ ବିଧାୟକ ଓ ଜିଲାପାଳ କ୍ଷୁବ୍ଧ ହୋଇଥିଲେ । ଗାଁ ଓ ସହରରେ ଭଲ ରାସ୍ତାଗୁଡିକୁ ଉଭୟ ବିଭାଗ ପାନୀୟ ଜଳ ପ୍ରକଳ୍ପ ଆଳରେ ନଷ୍ଟ କରି ଦେଇଛନ୍ତି। ବର୍ଷ ବର୍ଷ ଧରି ପଡି ରହିଥିଲେ ମଧ୍ୟ ରାସ୍ତାର ମରାମତି କରୁ ନାହାନ୍ତି । ନୟାଗଡ଼ ସହରର ଜାତୀୟ ରାଜପଥ କଡରୁ ପେଭର ବ୍ଲକ୍ କାଢ଼ି ଥିଲେ ମଧ୍ୟ ଏହାକୁ ପକାଗଲା ନାହିଁ। ବହୁ ସ୍ଥାନରେ ଟେଷ୍ଟିଂ ଆଳରେ ମାସ ମାସ ଧରି ରାସ୍ତା କାମ ହେଉ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ ।

ସେହିଭଳି ମହାନଦୀରୁ ପାଣି ନୂଆଗାଁ, ଓଡ଼ଗାଁ ଓ ନୟାଗଡ଼ ପରି ଅଞ୍ଚଳକୁ ଯିବା ପାଇଁ ନୟାଗଡ଼ ସହର ଭିତରେ ନ ନେଇ ବାଇପାସ୍ ରାସ୍ତାରେ ନେବାକୁ ନିଷ୍ପତ୍ତି ହୋଇଥିଲା । ପୂର୍ବତନ ଜିଲାପାଳଙ୍କ ଉପସ୍ଥିତିରେ ଆରଡବ୍ଲ୍ୟୁଏସ୍ଏସ୍ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ସହମତି ପ୍ରକାଶ କରିଥିଲେ । ତେବେ ବର୍ତ୍ତମାନର ଆରଡବ୍ଲ୍ୟୁଏସ୍ଏସ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ସେତେବେଳେର ନିଷ୍ପତ୍ତିକୁ ଅଣଦେଖା କରି ସହର ଭିତରେ ନେବାକୁ ଉଦ୍ୟମ କରୁଛନ୍ତି । ପୁଣି ପୂର୍ତ୍ତ ବିଭାଗ ଓ ବିଧାୟକଙ୍କ ବାରଣ ସତ୍ତ୍ୱେ ଆରଡବ୍ଲ୍ୟୁଏସ୍ଏସ୍ ଓ ପିଏଚ୍‌ଡି ବିଭାଗ ସହର ରାସ୍ତା ମଝିରେ ଖୋଳି ପାଇପ୍ ଲାଇନ ନେଇଗଲେ । ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲଠାରୁ ଜଗନ୍ନାଥ ମନ୍ଦିର ରାସ୍ତାର ପ୍ରଶସ୍ତୀକରଣ ବେଳେ ପାଇପ୍ ନଷ୍ଟ ହେବ । ସହରକୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେବ । ସରକାରୀ ଟଙ୍କା ଅପବ୍ୟୟ ହୋଇଥିବାରୁ ଜିଲାପାଳ କ୍ଷୁବ୍ଧ ହୋଇ ତୁରନ୍ତ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟପକ୍ଷେ ନଳକୂପ ଓ ପାନୀୟ ଜଳ ପ୍ରକଳ୍ପ ଅଚଳ, ଷ୍ଟାଣ୍ଡ ପୋଷ୍ଟ ଉପରେ ଜିଲାପାଳ ଜାଣିବାକୁ ଚାହୁଁଥିବାବେଳେ ଆରଡବ୍ଲ୍ୟୁଏସ୍ଏସ୍ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ସବୁ କିଛି ଠିକ୍ ଅଛି, କିଛି ସମସ୍ୟା ନାହିଁ ବୋଲି ଖାମଖିଆଲି ଭାବେ ଉତ୍ତର ରଖିଥିଲେ । ଜିଲାପାଳ ଆରଡବ୍ଲ୍ୟୁଏସ୍ଏସ୍ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ଉତ୍ତର ଶୁଣି କହିଥିଲେ ନୟାଗଡ଼ ଜିଲା କ'ଣ ରାମରାଜ୍ୟ ହୋଇଗଲା । ସବୁ କିପରି ଠିକ୍ ରହିଛି ବୋଲି ଦର୍ଶାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଧାୟକ ଦର୍ଶାଇଥିଲେ ଜିଲାରେ ଅନେକ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି । କେତେକ ସ୍ଥାନରେ ବିଦ୍ୟୁତ୍ ଦେୟ ଠିକରେ ଦିଆଯାଉ ନ ଥିବାରୁ ବିଦ୍ୟୁତ୍ ବିଭାଗ ଲାଇନ କାଟି ଦେଉଛି । ଲୋକ ପାଣି ପିଇବା ପାଇଁ ପାଉ ନାହାନ୍ତି । ପୁଣି ନଳକୂପ ଅଚଳ ରହୁଛି । ଅନ୍ୟପକ୍ଷେ ନୟାଗଡ଼ ସହରରେ ପ୍ରତିବର୍ଷ ପାନୀୟଜଳ ସଙ୍କଟ ଦେଖା ଦେଉଛି । ଏଥିପାଇଁ ମହାନଦୀରୁ ଜଳ ନୟାଗଡ଼ ସହର ସମେତ ଜିଲାର ବିଭିନ୍ନ ବ୍ଲକକୁ ଯୋଗାଇବା ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ତେବେ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇ ପାରୁ ନ ଥିବାରୁ ଜିଲାରେ ଚଳିତ ବର୍ଷ ପାନୀୟ ଜଳ ସଙ୍କଟ ଦେଖା ଦେବ । ଅନ୍ୟପକ୍ଷେ ଗତ ବର୍ଷ ମହାନଦୀର ଜଳଧାରା ଗ୍ରୀଷ୍ମ ଋତୁରେ ଗତିପଥ ପରିବର୍ତ୍ତନ କରିଥିଲା । ଏଣୁ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲା । ଏଭଳି ସମସ୍ୟାକୁ ଏଡାଇବା ପାଇଁ ପୂର୍ବରୁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । ଏବେଠାରୁ ଜଳସଙ୍କଟ ଦେଖା ଦେବା ଗାଁ ଓ ୱାର୍ଡଗୁଡ଼ିକୁ ଚିହ୍ନଟ କରାଗଲେ ପାନୀୟଜଳ ସଙ୍କଟ ଏଡାଇବାକୁ ସୁବିଧା ହେବ । ସେହିଭଳି ନୟାଗଡ଼କୁ ଆସୁଥିବା ମହାନଦୀର ପାଣି ବାଟରେ ଚୋରି ଚାଲିଛି । ଅଧିକାଂଶ ଲୋକଙ୍କ ଘରେ ମୋଟର ଲାଗିଥିବାବେଳେ ପାନୀୟ ଜଳର ଅପବ୍ୟବହାର ବଢୁଛି। ପାନୀୟ ଜଳର ଅପବ୍ୟବହାର ରୋକିବା ପାଇଁ ଆରଡବ୍ଲ୍ୟୁଏସ୍ଏସ୍ ଓ ପିଏଚ୍‌ଡି ବିଭାଗର ପଦକ୍ଷେପ ନାହିଁ। ପାନୀୟ ଜଳ ସଙ୍କଟ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଉ ନାହିଁ ବୋଲି ବିଧାୟକ କହିଥିଲେ ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଲମ୍ବୋଦର



@ ଲିଟୁ



@ ଅକ୍ଷୟ



@ ମିଟୁ



@ ନଟବର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଳବନ୍ଧରେ ବଢୁଛି ଆବର୍ଜନା, ହନ୍ତସନ୍ତ ହେଉଛନ୍ତି ପର୍ଯ୍ୟଟକ

ଖଣ୍ଡପଡ଼ା,୧୩।୨(ଅଜୟ କୁମାର ମହାରଣା)

- ପ୍ରଦୂଷିତ ପରିବେଶକୁ ନେଇ ଚିନ୍ତା
- ନଦୀଜଳ ବି ହେଉଛି ଦୂଷିତ

ପରିବେଶକୁ ସ୍ୱଚ୍ଛ ସୁନ୍ଦର ରଖିବା ସହିତ ବାହାରେ ମଳମୁତ୍ର ତ୍ୟାଗ ନ କରିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏପରି କି ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ପରିବେଶକୁ ପରିଷ୍କାର ରଖାଯାଉଥିବା ବେଳେ ଲୋକମାନଙ୍କୁ ସଚେତନ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାମ କରୁଛି । ମାତ୍ର ପରିବେଶକୁ ପରିଷ୍କାର କରିବା ପରିବର୍ତ୍ତେ ଜନସାଧାରଣ ପରିବେଶକୁ ଦୂଷିତ କରୁଥିବା ତଥା ସର୍ବସାଧାରଣ ରାସ୍ତା ହେଉ ଅବା ମୁଖ୍ୟ ରାସ୍ତା ଭାବେ ବ୍ୟବହାର କରାଯାଉଥିବା ନଦୀ ବନ୍ଧ ଉପରେ ଅଳିଆ ଆବର୍ଜନା ପକାଇ ଏହାକୁ ଅଧିକ ଦୂଷିତ କରାଯାଉଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବ କ୍ଷେତ୍ର। ପ୍ରତ୍ୟେହ ଏଠାକୁ ଅନେକ ପର୍ଯ୍ୟଟକ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଆସି ଥାଆନ୍ତି। କଣ୍ଟିଲୋ ବଜାର ଛକ ନୀଳମାଧବ ମନ୍ଦିରକୁ ଯିବା ମୁଖ୍ୟ ରାସ୍ତା ପାଲଟିଛି। ଏହାଛଡା ନିକଟରେ ପ୍ରବାହିତ ମହାନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧର ସୁରକ୍ଷା ପାଇଁ ନିର୍ମିତ ବନ୍ଧକୁ ସ୍ଥାନୀୟ ବ୍ୟବସାୟୀମାନେ ଡଷ୍ଟବିନ ଭାବେ ବ୍ୟବହାର କରୁଛନ୍ତି। ଏହି ଛକ ତଥା ସମ୍ପୃକ୍ତ ରାଜପଥ ପାର୍ଶ୍ୱରେ ପ୍ରତ୍ୟେହ ଉଠା ପରିବା ଦୋକାନୀମାନେ ବସି ରାସ୍ତା ଜାମ କରୁଛନ୍ତି। ଏଥିପାଇଁ ଟ୍ରାଫିକ ସମସ୍ୟା ଗୁରୁତର ହୋଇଛି। ସ୍ଥାନୀୟ ବ୍ୟବସାୟୀ, ଉଠା ଦୋକାନୀ ଓ ମାଛ ବ୍ୟବସାୟୀମାନେ ବିଭିନ୍ନ ବର୍ଜ୍ୟବସ୍ତୁ ମାଳବନ୍ଧ ଉପରେ ଫୋପାଡ଼ି ଦେଉଛନ୍ତି। ଫଳରେ ସେହି ପରିବେଶ ପ୍ରଦୂଷିତ ହେଉଛି। ବର୍ଷା ଦିନେ ଏହି ସବୁ ଆବର୍ଜନା ଭାସିଯାଇ ନଦୀଜଳକୁ ଦୂଷିତ କରୁଛି। ଜଳକୁ ପ୍ରଦୂଷିତ ମୁକ୍ତ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଥିବା ବେଳେ ଲୋକମାନେ ଜାଣିଶୁଣି ଏପରି ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ସେହିପରି ଆଖପାଖ ଲୋକମାନଙ୍କ ସହିତ ପଥଚାରୀ ଉକ୍ତ ମାଳବନ୍ଧ ଉପରେ ମଳମୂତ୍ର ତ୍ୟାଗ କରି ପର୍ଯ୍ୟଟକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି। ଏପରି ଅଭାବନୀୟ ପରିବେଶ ଦେଖି ନିକଟସ୍ଥ କେତେଜଣ ବ୍ୟକ୍ତି ଅଧିକାଂଶ ସମୟରେ ଏହାକୁ ସଫା କରି ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି। ହେଲେ ପରବର୍ତ୍ତୀ ସମୟରେ ସ୍ଥାନୀୟ ବ୍ୟବସାୟୀଙ୍କ ଏହି ଅଭ୍ୟାସଗତ ଆଚରଣ ଯୋଗୁ ପୁନଶ୍ଚ ଅଳିଆ ଆବର୍ଜନା ମାଳବନ୍ଧରେ ଭରି ଉଠୁଛି। ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

